# NATIONAL NEWS BULLETIN (ODIA)

## 1 August - 2025

## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ଧାନବାଦ ଆଇଆଇଟି - ଇଣ୍ଡିଆନ୍ ସ୍କୁଲ ଅଫ୍ ମାଇନ୍ସର ୪୫ତମ ସମାବର୍ତ୍ତନ ଉତ୍ସବରେ ଆଜି ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ ରାଷ୍ଟ୍ରପତି ।
- ଉତ୍ତରପ୍ରଦେଶର ବାରାଣାସୀଠାରେ ଆସନ୍ତାକାଲି ପ୍ରାୟ ୨୨ଶହ କୋଟି ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ପ୍ରଧାନମନ୍ତ୍ରୀ ।
- ବିହାର ଚିଠା ଭୋଟରତାଲିକା ଆଜି ପ୍ରକାଶ କରିବେ ନିର୍ବାଚନ ଆୟୋଗ ।
- ଦେଶବ୍ୟାପୀ ଆଜିଠାରୁ ଲାଗୁ ହେଉଛି ବ୍ୟାଙ୍କିଙ୍ଗ୍ ନିୟମ ସଂଶୋଧନ୍ ଆଇନ୍ ୨୦୨୫ ।

ଏବଂ

- ଆଣ୍ଡରସନ୍-ତେନ୍ଦୁଲକର ଟେଷ୍ଟ ସିରିଜ୍‌ର ଚୂଡ଼ାନ୍ତ ମ୍ୟାଚ୍‌ର ପ୍ରଥମ ଦିନରେ ଭାରତ ଖେଳ ଶେଷ ସୁଦ୍ଧା ପ୍ରଥମ ଇନିଂସ୍‌ରେ ୬ ଓ୍ୱିକେଟ୍ ହରାଇ କରିଛି ୨୦୪ ରନ୍ ।

# ଝାଡ଼ଖଣ୍ଡ-ପ୍ରେଜ୍-ଏମ୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଧାନବାଦ୍‌ସ୍ଥିତ ଆଇଆଇଟି-ଇଣ୍ଡିଆନ୍ ସ୍କୁଲ୍ ଅଫ୍ ମାଇନ୍ସର ୪୫ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି ।

ଗତକାଲି ଶ୍ରୀମତୀ ମୁର୍ମୁ ଦେଓଘରସ୍ଥିତ ଅଖିଳ ଭାରତ ଆର୍ୟୁବିଜ୍ଞାନ ସଂସ୍ଥା ଏମ୍ସର ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଜନସାଧାରଣଙ୍କୁ ଉନ୍ନତମାନର ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଗତ ୬ ବର୍ଷ ମଧ୍ୟରେ ଏମ୍ସ ପକ୍ଷରୁ ୫ଟି ଆଦିବାସୀ ଗ୍ରାମକୁ ପୋଷ୍ୟଭାବେ ଗ୍ରହଣ କରି ଉନ୍ନତ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ପ୍ରୟାସକୁ ମଧ୍ୟ ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି ।

**V/O** (PREZ-ON-TRIBAL-VILL-ADOPTION)

# ପିଏମ୍ କିଶାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଉତ୍ତରପ୍ରଦେଶ ଗସ୍ତ କରି ବାରାଣାସୀଠାରେ ବିବିଧ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ମୁଖ୍ୟତଃ ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟସେବା, ପର୍ଯ୍ୟଟନ, କ୍ରୀଡ଼ା, ସହରାଞ୍ଚଳବିକାଶ ଏବଂ ସାଂସ୍କୃତିକ ଐତିହ୍ୟ ସମେତ ବହୁବିଧ କ୍ଷେତ୍ର ସମ୍ପର୍କିତ ବିଭିନ୍ନ ପ୍ରକଳ୍ପ ଏଥିରେ ଅନ୍ତର୍ଭୁକ୍ତ । ଏହିସବୁ ପ୍ରକଳ୍ପଗୁଡ଼ିକ ଲାଗି ପ୍ରାୟ ୨୨ଶହ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ବାରାଣାସୀରେ ସଡ଼କ

ଯୋଗାଯୋଗକୁ ଉନ୍ନତ କରିବା ପାଇଁ ନିଜର ପ୍ରତିବଦ୍ଧତା ଅନୁଯାୟୀ ପ୍ରଧାନମନ୍ତ୍ରୀ ଅନେକ ଗ୍ରାମୀଣ ଓ ସହରାଞ୍ଚଳ ରାସ୍ତା ପ୍ରଶସ୍ତିକରଣ ତଥା ଲେବୁଲକ୍ରସିଂ ଓ ରେଳ ଓଭରବ୍ରିଜ୍ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହି ଅଞ୍ଚଳରେ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଶ୍ରୀ ମୋଦୀ ସ୍ମାର୍ଟ ବିତରଣ ପ୍ରକଳ୍ପ ଏବଂ ଭୂମିତଳେ ବୈଦ୍ୟୁତିକ ସଂରଚନା ସ୍ଥାପନ ସମ୍ପର୍କିତ କାର୍ଯ୍ୟର ଶିଳାନ୍ୟାସ କରିବେ । ଶ୍ରୀ ମୋଦୀ ସାଂସ୍କୃତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଜଳାଶୟଗୁଡ଼ିକୁ ସଂରକ୍ଷିତ କରିବା ଲକ୍ଷ୍ୟରେ ଏ ସମ୍ପର୍କିତ କେତେକ ପ୍ରକଳ୍ପ ଲାଗି ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି ।

କୃଷି ଓ କୃଷକ କଲ୍ୟାଣ ଦିଗରେ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଶ୍ରୀ ମୋଦୀ ଆସନ୍ତାକାଲି ପିଏମ୍ କିଶାନର ବିଂଶତମ କିସ୍ତି ପ୍ରଦାନ କରିବେ । ଏହି ଅବସରରେ ଦେଶବ୍ୟାପୀ ୯ କୋଟି ୭୦ଲକ୍ଷରୁ ଊର୍ଦ୍ଧ୍ୱ କୃଷକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨୦ହଜାର ୫୦୦କୋଟିରୁ ଅଧିକ ଟଙ୍କା ସ୍ଥାନାନ୍ତରିତ କରାଯିବ । ପିଏମ୍ କିଶାନ ଯୋଜନା ଆରମ୍ଭ ହେବା ପରଠାରୁ ଏହି କିସ୍ତି ସହିତ ସମ୍ପୃକ୍ତ ଯୋଜନାରେ ଚାଷୀଙ୍କୁ ବଣ୍ଟନ କରାଯାଇଥିବା ଟଙ୍କାର ପରିମାଣ ମୋଟ୍ ୩ ଦଶମିକ ୯/୦ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅତିକ୍ରମ କରିବ ।

## ଏସସିଇଣ୍ଡିଆ-ମୋବାଇଲ କନ୍‌କ୍ଲେଭ

ଦେଶରେ ଗତ ୧୧ ବର୍ଷ ମଧ୍ୟରେ ଡିଜିଟାଲ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି ବୋଲି କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ

କହିଛନ୍ତି । ଗତକାଲି ନୂଆଦିଲ୍ଲୀଠାରେ ଆୟୋଜିତ ମୋବାଇଲ କନ୍‌କ୍ଲେଭରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଗତ ଏକଦଶନ୍ଧି ମଧ୍ୟରେ ଦେଶର ଦୁର୍ଗମ ଗ୍ରାମଠାରୁ ଆରମ୍ଭ କରି ମେଟ୍ରୋ ସହର ପର୍ଯ୍ୟନ୍ତ ସବୁସ୍ଥାନରେ ନାଗରିକମାନଙ୍କୁ ଡିଜିଟାଲ କ୍ଷେତ୍ରରେ ସଶକ୍ତ କରାଯାଇପାରିଛି । ବର୍ତ୍ତମାନ ଦେଶରେ ୧୨୦କୋଟି ଟେଲିଫୋନ୍ ସଂଯୋଗ ବ୍ୟବସ୍ଥା ରହିଥିବାବେଳେ ଇଣ୍ଟରନେଟ୍ ସବ୍‌ସ୍କ୍ରାଇବରଙ୍କ ସଂଖ୍ୟା ୨୮୬ ପ୍ରତିଶତ ବୃଦ୍ଧି ପାଇଁ ୯୭କୋଟିରେ ପହଞ୍ଚିଛି । ଏହାଛଡା ମୋବାଇଲ ଡାଟା ଦରରେ ମଧ୍ୟ ୯୬ଦଶମିକ ୬ ପ୍ରତିଶତ ହ୍ରାସ ପାଇବା ଦ୍ୱାରା ଭାରତ ବିଶ୍ୱରେ ସବୁଠୁ ଶସ୍ତାରେ ଡାଟା ଉପଲବ୍ଧ କରାଇପାରିବା ଦେଶ ହୋଇପାରିଛି ବୋଲି ଶ୍ରୀ ସିନ୍ଧିଆ କହିଛନ୍ତି । ଦେଶରେ ଜନସାଧାରଣଙ୍କୁ ଫାଇବର ଜ୍ଞାନକୌଶଳ ଆଧାରିତ ଯୋଗାଯୋଗ ବ୍ୟବସ୍ଥା ଉପଲବ୍ଧ କରାଇବା ଦିଗରେ ସରକାରଙ୍କ ଯୋଜନା ସମ୍ପର୍କରେ ସୂଚନା ଦେଇ ଶ୍ରୀ ସିନ୍ଧିଆ କହିଛନ୍ତି...

**V/O** (JYOTIRADITYA-SCINDIA)

# ଇସିଆଇ-ଏସ୍‌ଆଇଆର୍

ନିର୍ବାଚନ ଆୟୋଗ ଆଜି ବିହାରର ଚିଠା ଭୋଟର ତାଲିକା ପ୍ରକାଶ କରିବେ । ଏହି ଭୋଟର ତାଲିକା ପ୍ରକାଶ ପାଇବା ପୂର୍ବରୁ ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର ଭୋଟର ସର୍ଭିସ୍ ପୋର୍ଟାଲରେ ଜାରି କରିଥିବା ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି ଯେ ଚିଠା ଭୋଟର ତାଲିକା ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ପ୍ରକାଶ କରାଯିବ । ଏହି ତାଲିକାକୁ ରାଜ୍ୟର ୩୮ଟି

ଜିଲ୍ଲାରେ ଥିବା ସମସ୍ତ ପଞ୍ଜିକୃତ ରାଜନୈତିକ ଦଳକୁ ପ୍ରଦାନ କରାଯିବ । ଚିଠା ଭୋଟର ତାଲିକାରୁ ଯଦି କୌଣସି ଯୋଗ୍ୟ ଭୋଟରଙ୍କ ନାମ ବାଦ୍ ପଡିଥାଏ ତେବେ ସେ ସମ୍ପର୍କରେ ସମ୍ପୃକ୍ତ ଭୋଟର କିମ୍ବା ରାଜନୈତିକ ଦଳଙ୍କ ପକ୍ଷରୁ ଆଜିଠାରୁ ଆସନ୍ତା ମାସ ୧ ତାରିଖ ସୁଦ୍ଧା ଅଭିଯୋଗ ଦାଖଲ କରାଯାଇପାରିବ । ଅଭିଯୋଗ ଆଧାରରେ ଯୋଗ୍ୟ ଭୋଟରଙ୍କ ନାମକୁ ତାଲିକାରେ ସଂଯୁକ୍ତ କରାଯିବ । ଏହାଛଡା ଯଦି କୌଣସି ଅଯୋଗ୍ୟ ଭୋଟରଙ୍କ ନାମ ତାଲିକାରେ ଥିବ ତେବେ ଏହାକୁ ବାଦ୍‌ଦେବାଲାଗି ମଧ୍ୟ ଆବେଦନ କରାଯାଇପାରିବ । ବିହାର ଭୋଟର ତାଲିକାର ସ୍ୱତନ୍ତ୍ର ସମୀକ୍ଷା କାର୍ଯ୍ୟ ଜୁନ୍ ୨୪ରୁ ଜୁଲାଇ ୨୫ ପର୍ଯ୍ୟନ୍ତ ସମସ୍ତ ବୁଥ୍‌ସ୍ତରରେ କରାଯାଇଛି । ଶେଷଥର ୨୦୦୩ ମସିହାରେ ଏଭଳି ସମୀକ୍ଷା ନିର୍ବାଚନ ଆୟୋଗଙ୍କ ପକ୍ଷରୁ କରାଯାଇଛି ବୋଲି ସୂଚନା ଦିଆଯାଇଛି ।

## ବ୍ୟାଙ୍କିଙ୍ଗ୍ ଲ

ବ୍ୟାଙ୍କିଙ୍ଗ୍ ନିୟମ ସଂଶୋଧନ୍ ଆଇନ୍ ୨୦୨୫ ଆଜିଠାରୁ ଦେଶବ୍ୟାପୀ ଲାଗୁ ହେଉଛି । ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଶାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହିତ ପୁଞ୍ଜିନିବେଶକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି ଆଇନ୍ ପ୍ରଣୟନ କରାଯାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ସୂଚନା ଦେଇଛି । ଏହି ଆଇନ୍ ସମ୍ପର୍କିତ ବିଜ୍ଞପ୍ତି ଚଳିତ ବର୍ଷ ଏପ୍ରିଲ୍ ୧୫ ତାରିଖରେ ପ୍ରକାଶ ପାଇଥିଲା ବୋଲି ମନ୍ତ୍ରଣାଳୟ କହିଛି ।

# ସ୍ପୋର୍ଟ୍ସ ରାଉଣ୍ଡଅପ୍

ଆଜିର ଖେଳ ଖବରରେ କ୍ରିକେଟ୍, ବ୍ୟାଡମିଣ୍ଟନ ଏବଂ କୁସ୍ତି ପ୍ରତିଯୋଗିତା ସମ୍ପର୍କିତ ସମ୍ବାଦକୁ ନେଇ ଏକ ରିପୋର୍ଟ...

## କ୍ରିକେଟ୍

ଲଣ୍ଡନର ଓଭାଲରେ ଗତକାଲିଠାରୁ ଆରମ୍ଭ ହୋଇଥିବା ଆଣ୍ଡରସନ୍-ତେନ୍ଦୁଲକର ଟେଷ୍ଟ ସିରିଜ୍‌ର ପଞ୍ଚମ ତଥା ଚୂଡ଼ାନ୍ତ ମ୍ୟାଚ୍‌ର ପ୍ରଥମ ଦିନରେ ଭାରତ ଖେଳ ଶେଷ ସୁଦ୍ଧା ପ୍ରଥମ ଇନିଂସ୍‌ରେ ୬ ଓ୍ୱିକେଟ୍ ହରାଇ ୨୦୪ ରନ୍ କରିଛି । ଦଳପକ୍ଷରୁ କରୁଣ ନାୟାର ୫୫ରନ୍ କରିଥିବାବେଳେ ସାଇ ସୁଦର୍ଶନ ୩୮ରନ୍ କରିଛନ୍ତି । ଇଂଲଣ୍ଡ ପକ୍ଷରୁ ଗସ୍ ଆଟ୍‌କିନସନ ଏବଂ ଜୋସ୍ ଟଙ୍ଗ୍ ୨ଟି ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଛନ୍ତି । ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା ।

ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାର ଏହି ଚୂଡ଼ାନ୍ତ ମ୍ୟାଚ୍ ଭାରତ ପାଇଁ ନିର୍ଣ୍ଣାୟକ ହୋଇପଡ଼ିଛି। ଶୃଙ୍ଖଳା ପରଜାୟରୁ ବର୍ତ୍ତିବାକୁ ହେଲେ ଭାରତକୁ ଏହି ମ୍ୟାଚ୍ ନିଶ୍ଚୟ ଜିତିବାକୁ ପଡ଼ିବ। ଏହି ସିରିଜ୍‌ରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି ।

## ବ୍ୟାଡମିଣ୍ଟନ

ମାକାଓ ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ବର୍ଗରେ ଭାରତର ଥରୁନ ମାନେପାଲି ଓ ଲକ୍ଷ୍ୟସେନ୍ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ

ଉନ୍ନୀତ ହୋଇଛନ୍ତି । ଥରୁନ୍ ହଙ୍ଗକଙ୍ଗର ଲି ଚ୍ୟୁକ୍ ୟୁଙ୍କୁ ୧୯-୨୧, ୨୧-୧୪ ଓ ୨୨-୨୦ ସେଟ୍‌ରେ ପରାସ୍ତ କରିଛନ୍ତି । ଆଜି ଅନଷ୍ଠିତ ହେବାକୁଥିବା କ୍ୱାର୍ଟର ଫାଇନାଲରେ ଥରୁନ୍ ଚୀନ୍‌ର ହୁ ଝି ଆନ୍‌ଙ୍କୁ ଭେଟିବେ । ଲକ୍ଷ୍ୟ ସେନ୍ ଇଣ୍ଡୋନେସିଆର ଚିକୋ ଅରା ଦୁଇ ଓ୍ୱାଡୟୋଙ୍କୁ ୨୧-୧୪, ୧୪-୨୧ ଓ ୨୧-୧୭ ସେଟ୍‌ରେ ପରାସ୍ତ କରିଛନ୍ତି । ଆଜିର କ୍ୱାର୍ଟର ଫାଇନାଲରେ ଚୀନ୍‌ର ଝୁ ଜୁଆନ ଚେନ୍‌ଙ୍କ ସହିତ ଲକ୍ଷ୍ୟ ସେନ୍‌ଙ୍କର ମୁକାବିଲା ହେବ ।

ପୁରୁଷ ଡବଲ୍ସ ବର୍ଗରେ ଭାରତର ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟୀଙ୍କ ଯୋଡ଼ି ଜାପାନର କାକେରୁ କୁମାଗାଇ ଓ ହିରୋକି ନିଶିଙ୍କ ଯୋଡ଼ିକୁ ୧୦-୨୧, ୨୨-୨୦ ଓ ୨୧-୧୬ ସେଟ୍‌ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ଆଜି ଅନୁଷ୍ଠିତ ହେବାକୁଥିବା ମ୍ୟାଚ୍‌ରେ ଏହି ଭାରତୀୟ ଯୋଡ଼ି ମାଲେସିଆର ଚୁଙ୍ଗ୍ ହୋନ୍ ଜିଆନ୍ ଓ ମହମ୍ମଦ ହାଇକାଲଙ୍କ ଯୋଡ଼ିଙ୍କୁ ଭେଟିବେ ।

## ଓ୍ୱାର୍ଲ୍ଡ ରେସଲିଙ୍ଗ ଚାମ୍ପିୟନସିପ୍

ଆଥେନ୍ସରେ ଚାଲିଥିବା ୧୭ବର୍ଷରୁ କମ୍ ବିଶ୍ୱ ମହିଳା କୁସ୍ତି ପ୍ରତିଯୋଗିତା ୨୦୨୫ରେ ଭାରତୀୟ ଖେଳାଳିମାନେ ଗତକାଲି ସୁଦ୍ଧା ୨ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ୪୩ କିଲୋଗ୍ରାମ ଫ୍ରି ଷ୍ଟାଇଲ୍ ବର୍ଗରେ ରଚନା ଚୀନ୍‌ର ଜିନ୍ ଓ୍ୱାଙ୍ଗ୍‌ଙ୍କୁ ପରାସ୍ତ କରି ପ୍ରଥମ ସ୍ୱର୍ଣ୍ଣପଦକ ହାସଲ କରିଥିଲେ । ପରେ ଅଶ୍ୱିନୀ ବିଷ୍ଣୋଇ ୬୫ କିଲୋଗ୍ରାମ ବର୍ଗରେ ଉଜ୍‌ବେକିସ୍ତାନର ମୁଖାୟୋ ରାଖିମ୍-ଜୋନୋଭାଙ୍କୁ ପରାସ୍ତ କରି ଆଉ ଗୋଟିଏ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ୫୭ କିଲୋଗ୍ରାମ ବର୍ଗରେ

କାଜାକିସ୍ତାନର ମାଡଖିୟା ଉଷ୍ଣାନୋଭାଙ୍କଠାରୁ ପରାସ୍ତ ହୋଇ ଭାରତର ମୁନି ରୌପ୍ୟ ପଦକ ପାଇଛନ୍ତି । ଏହାଛଡା ୭୩ କିଲୋଗ୍ରାମ ବର୍ଗରେ ଚୀନ୍‌ର ଓ୍ୱେନ୍ ଜିନ୍ କୁଁୟଙ୍କଠାରୁ ପରାସ୍ତ ହୋଇ ଭାରତର କାଜଲ ଅନ୍ୟଏକ ରୌପ୍ୟ ପଦକ ପାଇଛନ୍ତି । ୪୯ କିଲୋଗ୍ରାମ ବର୍ଗରେ କୋମଲ ବର୍ମା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

## ଚୀନ୍-ଫ୍ଲଡ୍

ଚୀନ୍‌ରେ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ୪୪ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୯ଜଣ ନିଖୋଜ ଅଛନ୍ତି । ଉତ୍ତର ଚୀନ୍‌ର ଅନେକ ସ୍ଥାନରେ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ଗତ ସପ୍ତାହରୁ ପ୍ରାୟ ୧୦ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ରିଲିଫ ଓ ଉଦ୍ଧାରକାର୍ଯ୍ୟ ଜାରି ରହିଛି ବୋଲି ସରକାରୀ ଭାବେ କୁହାଯାଇଛି ।